# ଅଧ୍ୟାୟ – V

# ପ୍ରକଳ୍ପ ଗୁଡ଼ିକର ପର୍ଯ୍ୟାଲୋଚନା

# ଅଧ୍ୟାୟ – V

## ପ୍ରକଳ୍ପ ଗୁଡ଼ିକର ପର୍ଯ୍ୟାଲୋଚନା

### 5.1 ଏଲ.ଆଇ. ପ୍ରକଳ୍ପ ଗୁଡ଼ିକର ଅସମ୍ପୂର୍ଣ୍ଣତା/ ଅଚଳତା

ଉଚ୍ଚ ଜମି ଇଲାକାରେ 12,316 ହେକ୍ଟରକୁ ଉଠା ଜଳସେଚନ ଯୋଗାଇବା ପାଇଁ ଆରଏଲବିସି ର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ଆରଏଲବିସି ପ୍ରକଳ୍ପ ଅଧିକାରୀ ( 2004 ରୁ 2012 ମଧ୍ୟରେ) 2,780 ହେକ୍ଟର ଜମିକୁ ଜଳସେଚନ ନିମନ୍ତେ 19 ଟି ଉଠା ଜଳସେଚନ ପ୍ରକଳ୍ପର ନିର୍ମାଣ ଲାଗି 26.35 କୋଟି ଟଙ୍କା ଇଇ. ଉଠା ଜଳସେଚନ ବିଭାଜନ, ଢେଙ୍କାନାଳଙ୍କୁ ଜମା ଦେଇଥିଲେ । ବିଭାଜନ 2013 -16 ମଧ୍ୟରେ 2,220 ହେକ୍ଟର ଜମିକୁ ଜଳ ଯୋଗାଣ ପାଇଁ 15.67 କୋଟି ଟଙ୍କା ବ୍ୟୟରେ 17 ଟି ଉଠା ପ୍ରକଳ୍ପର ନିର୍ମାଣ କରିଥିଲା । ଏନଏଚଏଆଇ ଏବଂ ରେଳବାଇ ଅଧିକାରୀଙ୍କ ମଞ୍ଜୁରୀ ରେ ବିଳମ୍ବ ଯୋଗୁଁ ସେପ୍ଟେମ୍ବର 2019 ସୁଦ୍ଧା 560 ହେକ୍ଟର ଜଳସେଚନ କ୍ଷେତ୍ର ପାଇଁ ବାକି ଦୁଇଟି ପ୍ରକଳ୍ପ ର କାମ ଚାଲୁ ରହିଥିଲା । ଅଡ଼ିଟ ଯାଞ୍ଚରୁ ଜଣାଗଲା ଯେ 17 ଟି ସମ୍ପୂର୍ଣ୍ଣ ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ପାଞ୍ଚଟି[32] ପ୍ରକଳ୍ପ ଯାହାର ଜଳସେଚିତ କ୍ଷେତ୍ର 680 ହେକ୍ଟର (24 ପ୍ରତିଶତ) ଥିଲା ତାହା କାର୍ଯ୍ୟ କରୁଥିଲା ଏବଂ ବଳକା 12 ଟି ପ୍ରକଳ୍ପ[33] ବାରମ୍ବାର ଯନ୍ତ୍ରପାତି ଚୋରି ଯୋଗୁଁ କାମ କରୁନଥିଲା । ଅଡ଼ିଟ 100 ହେକ୍ଟର ଜଳସେଚିତ କ୍ଷେତ୍ର ବିଶିଷ୍ଟ 2013 ରେ ସମ୍ପୂର୍ଣ୍ଣ ହୋଇଥିବା ଏଲଆଇ ପ୍ରକଳ୍ପ ଚାନ୍ଦପୁର –III ଯାହା କାର୍ଯ୍ୟକାରୀ ଥିବା କୁହାଯାଉଥିଲା ତାର ମିଳିତ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ ପ୍ରକଳ୍ପଟି 2017 ରୁ ଅଚଳ ଥିଲା । ବିଭାଗ ବାକି ଦୁଇଟି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ କରିବା, ପିପି ମାଧ୍ୟମ ରେ ପ୍ରକଳ୍ପ ଗୁଡ଼ିକୁ ଚାଲୁ ରଖିବା ପାଇଁ କୌଣସି ପଦକ୍ଷେପ ନେଇନଥିଲା । ତେଣୁ 15.67 କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ବିଭାଗର ପର୍ଯ୍ୟାଲୋଚନା ଠିକ୍ ଭାବରେ ନ କରିବା ଯୋଗୁଁ 2,200 ହେକ୍ଟର (76 ପ୍ରତିଶତ) ଜମିକୁ ଜଳ ଯୋଗାଣ ହୋଇପାରିଲା ନାହିଁ । ତାହାଛଡ଼ା, 10.67 କୋଟି ଟଙ୍କାର ବଳକା ପାଣ୍ଠି ଇଇ, ଉଠା ଜଳସେଚନ ବିଭାଜନ, ଢେଙ୍କାନାଳ ଙ୍କ ପାଖରେ ଖର୍ଚ୍ଚ ନ ହୋଇ ପଡି ରହିଥିଲା ।

ସରକାର ସ୍ୱୀକାର କଲେ (ଜୁଲାଇ 2021) ଯେ ସଂପୃକ୍ତ ପିପି ମାନଙ୍କ ଦ୍ୱାରା ଉପଯୁକ୍ତ ରକ୍ଷଣାବେକ୍ଷଣ, ଦେଖାରଖା ଇତ୍ୟାଦିର ଅଭାବରୁ କିଛି ପ୍ରକଳ୍ପ ଯେପରିକି ଚାନ୍ଦପୁର –III କାର୍ଯ୍ୟକାରୀ ହୋଇପାରି ନ ଥିଲା ଯେହେତୁ ଏହି ପ୍ରକଳ୍ପ ଗୁଡ଼ିକରେ ରକ୍ଷଣାବେକ୍ଷଣ ର ବ୍ୟବସ୍ଥା ନ ଥିଲା । ଉତ୍ତରଟି ଗ୍ରହଣୀୟ ନ ଥିଲା ଯେହେତୁ 17 ଟି ମଧ୍ୟରୁ 13 ଟି ପ୍ରକଳ୍ପ ଅଚଳ ଥିବା ଦେଖା ଯାଇଥିଲା ଏବଂ ଏଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା ଯାହା ପର୍ଯ୍ୟାଲୋଚନାର ଢିଲାପଣକୁ ଦର୍ଶାଉ ଥିଲା ।

### 5.2 ପର୍ଯ୍ୟାଲୋଚନାର ଅଭାବରୁ ନିମ୍ନମାନର କାମ

ଏସଆଇପି ର ପ୍ରକଳ୍ପ ଅଧିକାରୀ ଏସଏମସି ର ଆରଡ଼ି 00 କି.ମି ଠାରେ ଗୋଟିଏ ଆକ୍ୱାଡ଼କ୍ଟ ର ନିର୍ମାଣ କରିଥିଲେ ଯାହା 2006 ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି ପ୍ରକଳ୍ପରେ ପରୀକ୍ଷାମୂଳକ ଜଳସେଚନ ନିମନ୍ତେ 2013-14 ମସିହାରେ ଆକ୍ୱାଡ଼କ୍ଟ ମାଧ୍ୟମ ରେ 20 କ୍ୟୁମେକ୍ସ ଜଳ ଛଡ଼ାଯାଇଥିଲା । ଯେତେବେଳେ ଏହା ମଧଦେଇ ପାଣି ଛଡ଼ାଗଲା, ସେତେବେଳେ ଏଥିରୁ ପାଣି ବହୁତ ଲିକ୍ କରିଥିଲା । ଇ-ଆଇ-ସି ଆକ୍ୱାଡ଼କ୍ଟ କୁ ପରିଦର୍ଶନ କରିଥିଲେ (ମେଇ 2014) ଏବଂ ଏହାର ଗଠନ କୁ ସୁଦୃଢ ଓ ଜଳ ନିରୋଧକୁ ଗୁରୁତ୍ୱ ଦେଇ ଲିକେଜ୍ ର ପ୍ରତିକାର ପାଇଁ ଉପଦେଶ ଦେଲେ ଯଦ୍ୱାରା ଆକ୍ୱାଡ଼କ୍ଟ ର ଗଠନ କୁ ଆହୁରି ଖରାପ ହେବାରୁ ରୋକାଯାଇ ପାରିବ । ଅଡ଼ିଟ୍ ଦେଖିଲା ଯେ ସିଇ ଏଣ୍ଡ ବିଏମ୍/ ଏସଆଇପି ର ଏସ.ଇ ଙ୍କ ଦ୍ୱାରା କୌଣସି ପ୍ରତିକାର ବ୍ୟବସ୍ଥା ନିଆଯାଇ ନାହିଁ (ଜୁଲାଇ 2019) । ଏପରିକି କ୍ଷମତା ଅନୁଯାୟୀ 118.50 କ୍ୟୁମେକ୍ସ ପାଣି ଛଡ଼ାଗଲେ ଏହା ଭାଙ୍ଗି ଯିବାର ସଂଭାବନା କୁ ଏଡ଼ାଇ ଦିଆଯାଇ ନ ପାରେ । ଯଦି ଏହା ଭାଙ୍ଗିଯାଏ ତେବେ ସମଗ୍ର ଏସଆଇପି ଅଞ୍ଚଳରେ ଚାଷ ନିମନ୍ତେ ଜଳ ଯୋଗାଣ ବନ୍ଦ ହୋଇଯିବ । ଏହା ପ୍ରାଧିକାରୀଙ୍କ ପର୍ଯ୍ୟାଲୋଚନାର ଅଭାବକୁ ଦର୍ଶାଉଥିଲା ।

---

[32] (i)ବଡ଼ଝରା, (ii) ଚାନ୍ଦପୁର, (iii) ଜନ୍ତଣୀ ବୋଲ, (iv) କଣ୍ଟୁର-II ଏବଂ (v) କଣ୍ଟୁର-III

[33] (i)ବାଘୁଆ, (ii) ବାଙ୍ଗୁରବ, (iii) ବିରସାଲ, (iv) ବ୍ରାହ୍ମଣୀଆ, (v) ଚାନ୍ଦପୁର-I, (vi) ଚାନ୍ଦପୁର-II, (vii)କାନପୁରା, (viii) କଣ୍ଟୁର-I, (ix)କପସିରା, (x) ମୁକ୍ତାପୋସି, (xi) ରାହାଣୀ ଏବଂ (xii) ସିବୁଲାପୋସି

## 5.3 ଗୁଣବତ୍ତା ନିୟନ୍ତ୍ରଣ ବ୍ୟବସ୍ଥାର ଅଭାବ



ଆରବିସି ର ଆରଡି 59.730 କିମି ଠାରେ କେନାଲ ସାଇଫନ ର ଖସି ଯାଇଥିବା ଅଂଶ

ଚୁକ୍ତି ସର୍ତ୍ତ ଦର୍ଶାଉ ଥିଲା ଯେ ବ୍ୟବହାର ହେବାକୁ ଥିବା ସାମଗ୍ରୀର ନମୁନା ବିଭାଗୀୟ ପରିକ୍ଷା ଗାର କୁ ଯାଞ୍ଚ ପାଇଁ ପଠାହେବା ଦରକାର । ଯାଞ୍ଚ ରିପୋର୍ଟ ରେ ଗୁଣାତ୍ମକ ମାନ ସଠିକ୍ ନିରୁପିତ ହେଲେ ସାମଗ୍ରୀ ଗୁଡ଼ିକୁ ବ୍ୟବହାର କରାଯିବା ଉଚିତ୍ । ଅଡ଼ିଟ୍ ଦେଖିଲା ଯେ ବିଭାଗ ନିର୍ମାଣ ହୋଇଥିବା ଗଠନର ବ୍ୟାପକ ଶକ୍ତିକୁ ସୁନିଶ୍ଚିତ କରିବା ପାଇଁ ସାମଗ୍ରୀ ଗୁଡ଼ିକର କୌଣସି ପରୀକ୍ଷା କରି ନ ଥିଲା । ପରୀକ୍ଷା ଯାଞ୍ଚରୁ ଅଡ଼ିଟ୍ ଦେଖିଲା ଯେ, 2006 ମସିହାରେ ଗୋଟିଏ ସାଇଫନ୍ 16.40 କୋଟି ଟଙ୍କା ଖର୍ଚ୍ଚରେ ଆରଆରବିସି ର ଆରଡ଼ି 59.73 କି.ମିରେ ଥିବା ଏନଏଚ୍ କ୍ରସିଙ୍ଗ୍ ଠାରେ ନିର୍ମିତ ହୋଇଥିଲା । 2016 ମସିହାରେ ପରୀକ୍ଷାମୂଳକ ଜଳ ସେଚନ ବେଳେ କେନାଲରୁ ବହୁତ ଜଳ ଲିକ୍ କରୁଥିଲା । ଇ-ଆଇ-ସି ଜାଗାର ପରିଦର୍ଶନ କରି ଦେଖିଲେ (8 ସେପ୍ଟେମ୍ବର 2016) ଯେ ଆପ୍ରୋଚ୍ ସ୍ଲାବ ଦବିଯିବା ଏବଂ ପାଇପ୍ ଲଗାଇବା ଯୋଗୁଁ ଉପ-ମୃତ୍ତିକାର କ୍ଷୟ ଏହି ଲିକେଜ୍‌ର କାରଣ ଓ ଦବି ଯାଇଥିବା ସମସ୍ତ ଜାଗାକୁ  ଭାଙ୍ଗି ଏବଂ ବାହାର କରି ପ୍ରତିକାର ବ୍ୟବସ୍ଥା ପାଇଁ ମତ ଦେଲେ । ତଦନୁସାରେ, ଚାଲୁ ରହିଥିବା ଚୁକ୍ତି ରେ ଅତିରିକ୍ତ 7.32 କୋଟି ଟଙ୍କା ବ୍ୟୟ ରେ କାମଟି ସରିଥିଲା (ଅଗଷ୍ଟ 2017) । ଏହିପରି ପର୍ଯ୍ୟାଲୋଚନା ଓ ବ୍ୟବହୃତ ସାମଗ୍ରୀର ଗୁଣବତ୍ତା ନିୟନ୍ତ୍ରଣ ଅଭାବରୁ ବିଭାଗ  7.32 କୋଟି ଟଙ୍କା ଅତିରିକ୍ତ ଭାବେ ଖର୍ଚ୍ଚ କଲା ।

ସରକାର ଉତ୍ତର ଦେଲେ (ଜୁଲାଇ 2021) ଯେ ଏକ ଦଶନ୍ଧି ପରେ ଜଳଯୋଗାଣ ହେତୁ ଏଥିରେ କ୍ରମଶଃ ଗର୍ତ୍ତ ସୃଷ୍ଟି ହୋଇ ଏହା ଲିକେଜ୍ ର କାରଣ ହୋଇ ଥାଇପାରେ । ଏହା ମଧ୍ୟ କୁହାଯାଇଥିଲା ଯେ ମରାମତି ପାଇଁ କେବଳ 95 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା  କିନ୍ତୁ ଖର୍ଚ୍ଚର ହିସାବ ସବିସ୍ତାରେ  ଦିଆଯାଇ ନ ଥିଲା ।

ସେହିପରି, ଅମଥ ଏମଏଲପି ର ବଣ୍ଟନ ବ୍ୟବସ୍ଥାର ମିଳିତ ଯାଞ୍ଚ କରି ଅଡ଼ିଟ୍ ଦେଖିଲା ଯେ କାମରେ ବ୍ୟବହୃତ ହୋଇଥିବା ପାଇପ୍ ଗୁଡ଼ିକ ଲିକ୍ କରୁଥିଲା ଏବଂ ପାଇପ୍‌ର ନିର୍ଗମ ବାଟରେ ପାଣି ଯାଉ ନ ଥିଲା । ଠିକ୍ ମାନଦଣ୍ଡର ପାଇପ୍ ବ୍ୟବହାର ନ ହେବା ଏହି କ୍ଷତିର କାରଣ ବୋଲି ଆରୋପଣୀୟ ଥିଲା । ଠିକାଦାର ବ୍ୟବହାର କରିଥିବା ସାମଗ୍ରୀର ନିର୍ବାହୀଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ ଅଭାବରୁ ପାଇପ୍ ରେ ଲିକେଜ୍ ହୋଇଥିଲା ।

ରାଜ୍ୟ ସରକାର ଉତ୍ତର ଦେଲେ (ଜୁଲାଇ 2021) ଯେ ଲୋକମାନେ ଜାଣିଶୁଣି ଜଳସେଚନ ପାଇଁ ନିର୍ଗମ ସ୍ଥଳର ପାଇପ୍ ଭାଙ୍ଗି ଦେଉଛନ୍ତି । ପ୍ରମାଣତଃ, ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିବା ସମ୍ପତ୍ତିର ତଦାରଖ ବ୍ୟବସ୍ଥା ଓ ଜାଗରୁକତାର ଅଭାବ ଥିଲା ।

## 5.4 ଏମଏଲପି ଗୁଡିକର ଯଥେଷ୍ଟ ପର୍ଯ୍ୟାଲୋଚନାର ଅଭାବ

ଅଡ଼ିଟ୍ ମିଳିତ ଯାଞ୍ଚ କରି ପାଇଲେ ଯେ 56.85 କୋଟି ଟଙ୍କା ବ୍ୟୟରେ କ୍ଲଷ୍ଟର- XIV ଅଧୀନରେ 3,100 ହେକ୍ଟର ଜଳସେଚିତ କ୍ଷେତ୍ର ପାଇଁ ସମ୍ପୂର୍ଣ୍ଣ ହୋଇଥିବା ଚାରୋଟି ପ୍ରକଳ୍ପରେ ପାଣି ପାଇପଲାଇନ ର ତଳ ମୁଣ୍ଡରେ ନ ପହଞ୍ଚିବାର ବିଭିନ୍ନ କାରଣ ଗୁଡ଼ିକ ହେଲା  ଯେପରିକି ପାଇପଲାଇନ୍‌ରୁ ପାଣି ବୋହିଯିବା, ଉତ୍ସରେ ପର୍ଯ୍ୟାପ୍ତ ପାଣିର ଅଭାବରୁ ପାଇପଲାଇନ୍‌ରେ ପାଣିର ପ୍ରେସରରେ କମି, କମ୍ ଭୋଲଟେଜ୍ କାରଣରୁ  ଅଳ୍ପ ସଂଖ୍ୟକ ପମ୍ପ ଚଳାଇବା ଏବଂ ବିଦ୍ୟୁତ୍ ଯୋଗାଣରେ ବାରମ୍ବାର ଅସ୍ଥିରତା । ଏହିପରି, 56.85 କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ଏମଏଲପି ଗୁଡ଼ିକର ପର୍ଯ୍ୟାପ୍ତ ପର୍ଯ୍ୟବେକ୍ଷଣ ଅଭାବରୁ  ସ୍ଥିରୀକୃତ ହୋଇଥିବା 3,100 ହେକ୍ଟର ଜଳସେଚିତ କ୍ଷେତ୍ରକୁ ଯଥେଷ୍ଟ ଜଳସେଚନ ସୁନିଶ୍ଚିତ କରାଯାଇ ପାରିଲା ନାହିଁ ।

ସରକାର ଜଣାଇଲେ (ଜୁଲାଇ 2021) ଯେ ଓପିଟିସିଏଲ ପ୍ରାଧିକାରୀ ତାଙ୍କର ପାୱାର ବ୍ୟବସ୍ଥାକୁ ଶିର୍ଷକୁ ନେବାପାଇଁ ଲାଗିଛନ୍ତି ଯଦ୍ୱାରା ଭୋଲଟେଜ୍ ଅସୁବିଧା ବହୁ ମାତ୍ରାରେ କମିଯିବ ।

## 5.5 କାର୍ଯ୍ୟ ସମାପ୍ତିରେ ବିଳମ୍ବ ଲାଗି ଜୋରିମାନା ଆଦାୟ ନ ହେବା

ସମୟ ଅନୁଯାୟୀ କାମ ସାରିବା ଚୁକ୍ତିର ମୂଳ କଥା । ପୁଣି ଚୁକ୍ତି ନିୟମ ଦର୍ଶାଏ ଯେ ଠିକାଦାର ସମୟନୁଯାୟୀ କାମ ନ ସାରିଲେ ଦିନକୁ 0.5 ପ୍ରତିଶତ କିମ୍ବା ଅତିବେଶିରେ ଅଟକଳ ମୂଲ୍ୟର 10 ପ୍ରତିଶତ ଜୋରିମାନା ଦେବ । ନଥିପତ୍ରର

ପରୀକ୍ଷା ଯାଞ୍ଚରୁ ଜଣାଗଲା ଯେ କାମ ଗୁଡ଼ିକ ଠିକ୍ ସମୟରେ ନ ସରିବା ସତ୍ତ୍ୱେ ବିଭାଗ 167.79 କୋଟି ଟଙ୍କାର ଜୋରିମାନା ଆଦାୟ କରିପାରି ନ ଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

**ସାରଣୀ- 5.1; କାର୍ଯ୍ୟ ସମାପ୍ତିରେ ବିଳମ୍ବ ଲାଗି ଆଦାୟ କରାଯାଇ ନ ଥିବା ଜୋରିମାନା**

| କ୍ରମିକ. ସଂଖ୍ୟା | ଜଡ଼ିତ ପ୍ରକଳ୍ପ | ଜୋରିମାନା କୋଟି ଟଙ୍କା ରେ | ପ୍ରଭାବ |
|---|---|---|---|
| 1 | ଏସଆଇପି | 27.34 | ଅଟକଳ ମୂଲ୍ୟ 273.43 କୋଟି ଟଙ୍କା ଥିବା ତିନୋଟି[34] କାମ ଓସିସି କୁ ବୁଝାମଣା ପତ୍ର ସାକ୍ଷରରେ 315.12 କୋଟି ଟଙ୍କା ରେ ପ୍ରଦାନ କରାଯାଇଥିଲା (ଜୁନ୍ 2016 ଏବଂ ଡ଼ିସେମ୍ବର 2016 ମଧ୍ୟରେ) ଯାହାର ସମାପ୍ତି ଅବଧି ଅଗଷ୍ଟ 2018 ଓ ଡ଼ିସେମ୍ବର 2018 ମଧରେ ଥିଲା । ଅଡ଼ିଟ୍ ରୁ ଜଣାଗଲା ଯେ ଓସିସି ସେପ୍ଟେମ୍ବର 2020 ସୁଦ୍ଧା 302.61 କୋଟି ଟଙ୍କା ରେ (96 ପ୍ରତିଶତ) କାମ ଶେଷ କରିଛି । ଯେହେତୁ ବୁଝାମଣା ପତ୍ରରେ କାର୍ଯ୍ୟ ସମାପ୍ତିରେ ବିଳମ୍ବ ପାଇଁ ଦଣ୍ଡର ବ୍ୟବସ୍ଥା ନ ଥିଲା, ଅଟକଳ ମୂଲ୍ୟ ର 10 ପ୍ରତିଶତ 27.34 କୋଟି ଟଙ୍କାର ଜୋରିମାନା ଦାବୀ ଏବଂ ଆଦାୟ କରାଯାଇ ପାରି ନ ଥିଲା । |
| 2 | ଏଲଆଇଆଇପି ଏବଂ ଏମ୍ଏଲ୍ପି | 140.44 | ଚାରିଜଣ ଠିକାଦାର କୁ 1,404.44 କୋଟି ଟଙ୍କା ମୂଲ୍ୟର କାମ ଅଗଷ୍ଟ 2013 ଏବଂ ମାର୍ଚ୍ଚ 2018 ମଧ୍ୟରେ ପ୍ରଦାନ କରାଯାଇଥିଲା ଯାହା ଫେବୃଆରୀ 2016 ଏବଂ ଫେବୃଆରୀ 2019 ରେ ସମ୍ପୂର୍ଣ୍ଣ ହେବାର ଥିଲା । ଯେହେତୁ ବିଳମ୍ବର କାରଣ ଠିକାଦାରଙ୍କ ଉପରେ ଆରୋପଣ କରାଯାଇ ଥିଲା ଇଇଙ୍କର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କାମଗୁଡ଼ିକ ସମ୍ପୂର୍ଣ୍ଣ ହୋଇନଥିଲା । ଏପରିକି 140.44 କୋଟି ଟଙ୍କାର ନଗଦ କ୍ଷତିପୂରଣ ଠିକାଦାର ଠାରୁ ଆଦାୟ ହେବାର ଉଚିତ୍ ଥିଲା । |

(ଉତ୍ସ; ଅଡ଼ିଟ୍ ଦ୍ୱାରା ସଂକଳିତ)

ରାଜ୍ୟ ସରକାର କହିଲେ (ଜୁଲାଇ 2021) ଯେ, ସ୍ୱିଲ୍ ଚ୍ୟାନେଲ ମାଧ୍ୟମ ରେ ଜଳଭଣ୍ଡାର ର ବଳକା ପାଣି ଛାଡ଼ିବା, ବିସ୍ଫୋରଣ ଅନୁମତି ମିଳିବାରେ ବିଳମ୍ବ, ସାଧାରଣ ନିର୍ବାଚନ, ଏଲଏ, ଜଙ୍ଗଲ ବିଭାଗ ଅନୁମତି ଇତ୍ୟାଦି ଯୋଗୁଁ କେନାଲ କାମ କରିବାରେ ବିଳମ୍ବ ହୋଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ଦର୍ଶାଯାଇଥିବା କାରଣ ଅତି ସାଧାରଣ ଅଟେ ଏବଂ ଠିକାଦାରକୁ ଚୁକ୍ତି ସ୍ୱୀକାର କଲାବେଳେ ଏହା ଜଣାଥିଲା ।

ଏହି ତ୍ରୁଟି ଗୁଡ଼ିକ ସହିତ, ଅଡ଼ିଟ୍ ଟେଣ୍ଡରିଙ୍ଗରେ ଗୁଡ଼ାଏ ଅନିୟମିତତା, ଅତ୍ୟଧିକ ଲିଡ୍ ଦୁରତା ଯୋଗୁଁ ଅତିରିକ୍ତ ଖର୍ଚ୍ଚ , ଏସ.ଓ.ଆର/ଏ.ଓ.ଆର କୁ ଅନୁକରଣ ନ କରି ଅଟକଳର ପ୍ରସ୍ତୁତି କରିବା ଯୋଗୁଁ କଣ୍ଟ୍ରାକ୍ଟରକୁ ଅତ୍ୟଧିକ ଦେୟ ପ୍ରଦାନ, ବିଆଇଏସ୍ କୋଡ଼୍କୁ ଉଲଘଂନ କରି କାର୍ଯ୍ୟ ସମ୍ପାଦନ କରାଯିବା ଇତ୍ୟାଦି,ଅନିୟମିତତା ଦେଖିଲା ଯାହାକି ***ପରିଶିଷ୍ଟ – 2*** ରେ ଦର୍ଶାଯାଇଛି ।

## 5.6 ଯାଞ୍ଚମାପ ରେଜିଷ୍ଟର ବଜାୟ ନ ରଖିବା

ଓପିଡ଼ବ୍ଲୁ କୋଡ଼୍ ପରିଶିଷ୍ଟ- II ନିର୍ଦ୍ଧାରିତ କରେ ଯେ ଯାଞ୍ଚ ମାପର ନଥି ବଜାୟ ରହିବା ଦରକାର ଏବଂ କାର୍ଯ୍ୟର ମାପ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ହେବା ଦରକାର । ବିଭାଜନ ଅଧିକାରୀ ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ମାପର ସଠିକତା ଯାଞ୍ଚ ପାଇଁ 2 ଲକ୍ଷ ଟଙ୍କା ରୁ ଅଧିକ ମୂଲ୍ୟ କାମ ର 10 ପ୍ରତିଶତ ମାପ ଯାଞ୍ଚ କରିବା ଦରକାର । ଯାଞ୍ଚମାପ ର ଲକ୍ଷ୍ୟ ହେଲା, ମାପରେ ଭୁଲ ବାହାର କରିବା ଏବଂ ଅନୈତିକ ହିସାବ କୁ ରୋକିବା ଏବଂ ମଧ୍ୟ ଦେଖିବା ଦରକାର ଯେ ବିଶ୍ୱାସ ର ସହିତ ବିନିର୍ଦ୍ଧିଷ୍ଟକରଣ ଗୁଡ଼ିକ ଲେଖାଯାଇଛି । ବିଭାଜନ ଅଧିକାରୀଙ୍କୁ ଧାର୍ଯ୍ୟ ହୋଇଥିବା ମୂଳ ପରିମାଣ ଠାରୁ 10 ପ୍ରତିଶତରୁ ଅଧିକ ପରିମାଣ କାମ ହୋଇଥିବା ଆଇଟମ୍ ଗୁଡ଼ିକର ଯାଞ୍ଚ ମାପ କରିବା ଦରକାର । ପରନ୍ତୁ, ଏହା ଦେଖା

[34] (i) ହଳଦିଆ ମାଟି ନିର୍ମିତ ଡ୍ୟାମ୍ର ଜଳ ନିର୍ଗମ ପଥର ନିର୍ମାଣ, (ii) ବୈଶିଙ୍ଗା ଫିଡ଼ର ତଥା ସଂଯୋଗକାରୀ କେନାଲ ଏବଂ (iii)ଏସ.ଏମ.ସି ର ପୁନରୁଦ୍ଧାର

ଯାଇଥିଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବିଭାଜନ ରେ ଯାଞ୍ଚ ମାପ ନଥିର ବ୍ୟବସ୍ଥା ନ ଥିଲା ଯେଉଥି ପାଇଁ ଅଡ଼ିଟ୍ ସୁନିଶ୍ଚିତ କରିପାରିଲା ନାହିଁ ଯେ, ଅଧୀନସ୍ଥ କର୍ମଚାରୀ ଙ୍କ ଦ୍ୱାରା ହୋଇଥିବା ମାପ ର ସଠିକତା ଉଚ୍ଚତର ଅଧିକାରୀ ମାନେ ଆବଶ୍ୟକୀୟ ଯାଞ୍ଚ କରି ସାର୍ଟିଫିକେଟ ପ୍ରଦାନ କରିଛନ୍ତି ।

ସରକାର କହିଲେ (ଜୁଲାଇ 2021) ଯେ ସମୀକ୍ଷା ଅବଲୋକନ ଗୁଡ଼ିକୁ ଭବିଷ୍ୟତ ମାର୍ଗଦର୍ଶନ ନିମନ୍ତେ ଟିପ୍ପଣିକୃତ କରାଗଲା ଏବଂ ପ୍ରତି ବିଭାଜନରେ ଯାଞ୍ଚମାପ ନଥି ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଲେ ।

## 5.7 ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକରେ ଦେଖାଯାଇଥିବା ପଦ୍ଧତିଗତ ସମସ୍ୟା

ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମତି ଏବଂ ଆୟାକଟ ପ୍ଲାନିଂ ରେ ବିଳମ୍ବ କୁ ଏଡାଇବା ପାଇଁ ତ୍ୱରାନ୍ୱିତ ଜଳସେଚନ କାର୍ଯ୍ୟକ୍ରମ ର ସମୀକ୍ଷା ପ୍ରତିବେଦନ (ମାର୍ଚ୍ଚ 2009) ଅନୁଚ୍ଛେଦ 2.3 ରେ ସମୀକ୍ଷା ସୁପାରିଶ ହୋଇଥିବା ସତ୍ତ୍ୱେ ନିମ୍ନଲିଖିତ ପଦ୍ଧତିଗତ ସମସ୍ୟା ଗୁଡିକ ଲାଗିରହିଥିଲା ।

ପରୀକ୍ଷା ଯାଞ୍ଚ ହୋଇଥିବା ପାଞ୍ଚୋଟି ବୃହତ୍ ପ୍ରକଳ୍ପ ମଧ୍ୟରୁ, ଚାରୋଟି ପ୍ରକଳ୍ପ ( ୟୁଆଇଆଇପି ବ୍ୟତୀତ) ଯାହାକି 1978 ଏବଂ 1999 ମଧ୍ୟରେ ଆରମ୍ଭ ହୋଇଥିଲା ତାହା ସମୟ ଏବଂ ଖର୍ଚ୍ଚ ବୃଦ୍ଧି ସହ ଜମି ଅଧିଗ୍ରହଣରେ ବିଳମ୍ବ, ଜଙ୍ଗଲ ଅନୁମତି, ଡିଜାଇନ ଚୁଡାନ୍ତ ରେ ବିଳମ୍ବ, ସର୍ଭେରେ କମି ଏବଂ ଅନୁସନ୍ଧାନ ଇତ୍ୟାଦି ରେ କମି କାରଣ ଯୋଗୁଁ ବର୍ତ୍ତମାନ ଯାଏଁ ଚାଲୁ ରହିଥିଲା । କେତେକ ପ୍ରକଳ୍ପର ମୂଲ୍ୟ 9 ରୁ 46 ଗୁଣ ପର୍ଯ୍ୟନ୍ତ ବଢି ଯାଇଥିଲା ।

- ୟୁଆଇଆଇପି, ଏସଆଇପି ଏବଂ ଆରଏଲବିସି ପ୍ରକଳ୍ପ ଗୁଡିକର ନିର୍ବାହରେ ବିଳମ୍ବ ହେତୁ ଡିଜାଇନ ଆୟାକଟ୍ ଏମଆଇ ପ୍ରକଳ୍ପ ଗୁଡିକ ଦ୍ୱାରା ମାଡିଯାଇଥିଲା ଯାହା ଅନାବଶ୍ୟକତା ସହିତ ଅଯଥା ଖର୍ଚ୍ଚ ବୃଦ୍ଧି କରାଇଥିଲା ।
- ପରିକ୍ଷା ଯାଞ୍ଚ ହୋଇଥିବା ଦୁଇଟି ପ୍ରକଳ୍ପ (ଏସଆଇପି ଏବଂ ଏଲଆଇଆଇପି) ରେ ଆର ଏବଂ ଆର ସହାୟତା ଦିଆଯାଇଥିବା ସତ୍ତ୍ୱେ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତରଣ ନ କରିବାରୁ ବର୍ଦ୍ଧିତ ହାରରେ ସହାୟତା ଦେବାକୁ ପଡିଲା ।
- କେନାଲ ଲାଇନିଂ ପାଇଁ ଡ଼ିପିଆର ଅନୁଯାୟୀ ଡ଼ିଜାଇନ୍ ଏବଂ ଡ୍ରଇଂ କୁ ଅନୁସରଣ ନ କରାଯିବା କାରଣରୁ, ୟୁଆଇଆଇପି ଏବଂ ଏସଆଇପି ପ୍ରକଳ୍ପରେ କେନାଲ୍ ଆଡ଼ିବନ୍ଧ ଖସିଯିବାର ଦେଖା ଯାଇଥିଲା ।
- ବିଭିନ୍ନ ବିଭାଗ ମଧ୍ୟରେ ସମୂହ ପ୍ରଚେଷ୍ଟାର ଅଭାବ ହେତୁ ଜଳସେଚିତ କ୍ଷେତ୍ରରେ ଡିପିଆର ରେ ଦର୍ଶାଯାଇଥିବା ବହୁବିଧ ଫସଲ ବଦଳରେ ଏକକ ଫସଲ ଚାଷ ହୋଇଥିଲା । ଏହା ଖର୍ଚ୍ଚ-ସୁବିଧା ଅନୁପାତ ହ୍ରାସ ହେବାର କାରଣ ଥିଲା, ଯାହାକି ପ୍ରକଳ୍ପ ଗୁଡ଼ିକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଲାଭଦାୟକ ହୋଇନଥିଲା ।